


# ରାଜନୈତିକ ପ୍ରସ୍ତାବ

ରତ୍ନଗର୍ଭା ତଥା ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ,ସାଂସ୍କୃତିକ ବୈଭବ ସଂପନ୍ନ ଓଡିଶାରେ ଶ୍ରମ ନିଷ୍ଠ ତଥା ଉପଯୁକ୍ତ ମାନବ ସମ୍ବଳ ଥିବା ସତ୍ତ୍ୱେ, ଶ୍ରୀବୃଦ୍ଧି ସାଧନରେ ସମଗ୍ର ଦେଶରେ ଅଗ୍ରଣୀ ହୋଇପାରିବାର ସାମର୍ଥ୍ୟ ଥାଇ ମଧ୍ୟ ଦୁର୍ନିତିଗ୍ରସ୍ତ ଶାସନର ଅପକର୍ମ ଓ ଅପାରଗତା କାରଣରୁ ରାଜ୍ୟ ଆଜି ଲକ୍ଷ୍ୟଭ୍ରଷ୍ଟ ହୋଇଥିବାର ଭାରତୀୟ ଜନତା ପାର୍ଟି ରାଜ୍ୟ କାର୍ଯ୍ୟକାରିଣୀ ଅନୁଭବ କରୁଛି ।

ଓଡ଼ିଶା ରାଜ୍ୟ ବହୁ ବୃହତ୍ ଓ କ୍ଷୁଦ୍ର ନଦୀନାଳରେ ପରିପୂର୍ଣ୍ଣ । ଓଡ଼ିଶାର ଭୂଇଁ ଭୁ-ଉପରି ଓ ଭୂତଳ ଜଳରେ ପରିପୁଷ୍ଟ । ଓଡ଼ିଶାର ଜଳ ଚାହିଦା ମେଣ୍ଟାଇବା ପାଇଁ କେବଳ ମହାନଦୀର ଜଳ ମଧ ଯଥେଷ୍ଟ ହୋଇଥିବାର ମନ୍ତବ୍ୟ ପୂର୍ବରୁ ବିଭିନ୍ନ ଗବେଷକ ସଂସ୍ଥା ପ୍ରକାଶ କରିଛନ୍ତି ।

ଜଳସେଚନ ଓ ବିଦ୍ୟୁତ ଉତ୍ପାଦନ ପାଇଁ ଆବଶ୍ୟକ ପରିମାଣର ଜଳର ଅଭାବ ନାହିଁ । ୨୦୦୩ ରେ ନିର୍ଦ୍ଧାରିତ ଜଳନୀତି ରେ କୌଣସି ନିର୍ଦ୍ଦିଷ୍ଟ ଯୋଜନା ଓ ସୁପରିଚାଳନାର ମନୋଭାବ ନଥିବାରୁ ଆଜି ରାଜ୍ୟ ଜଳ ସଙ୍କଟାଭିମୁଖୀ । ଜଳସେଚନକୁ ଆମେ ଅତି ସୀମିତ ଅବସ୍ଥାରୁ ଆଗକୁ ନେଇପାରି ନାହୁଁ । ଏକ ଇଞ୍ଚ୍ ଜମି ମଧ ଅଣ ଜଳସେଚିତ ନ ରହିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା ସ୍ଥଳେ ୩୫ ପ୍ରତିଶତ ଜଳସେଚନର ଡ଼ିଣ୍ଡିମି ପିଟି ସରକାର ସେତକ ଲକ୍ଷ୍ୟ ପୂରଣ କରିବାରେ ସମର୍ଥ ହୋଇପାରି ନାହାଁନ୍ତି ।

ଗାଁ ଗାଁର ଜଳକଷ୍ଟକୁ ଦୂର କରାଯାଇ ପାରିନାହିଁ । ଅନ୍ୟ ପକ୍ଷରେ କଳ କାରଖାନାମାନଙ୍କୁ ଅହେତୁକ ଜଳଯୋଗାଣର ପଥ ପରିଷ୍କାର କରି ସରକାର କାହାର ସାର୍ଥ ସାଧନରେ ବ୍ରତୀ, ତାହା ଆଉ ବୁଝିବାରେ ଅସୁବିଧା ନାହିଁ । ଜଳ ଭଣ୍ଡାରରୁ କାରଖାନାକୁ ଚୋରାରେ ପାଣି ନେବା ଠାରୁ ଆରମ୍ଭ କରି ପବିତ୍ର ବୈତରଣୀର ଜଳଧାରାକୁ ବ୍ୟବହାର କରି ପାଇପ୍ ଯୋଗେ ଲୁହାପଥର ପ୍ରେରଣର ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବାରେ ରାଜ୍ୟକୁ କି ଧରଣର ଜଳସଙ୍କଟକୁ ଜାଣିଶୁଣି ଠେଲି ଦିଆଯାଇଛି ଓ ତା'ର ପଛରେ କେଉଁ ବୃହତ୍ତର ସ୍ୱାର୍ଥ କାମ କରୁଛି ତାର ପର୍ଦ୍ଦାଫାସର ଆବଶ୍ୟକତା ରହିଛି । ସରକାର ଏକ ସୁନିର୍ଦ୍ଦିଷ୍ଟ ଜଳନୀତି ପ୍ରଣୟନ କରି କୃଷି ପାଇଁ ତଥା ପାନୀୟ ଜଳ ବିନିଯୋଗର ଉପଯୁକ୍ତ ପରିଚାଳନାର ନିୟମ ପ୍ରଣୟନ କରି ତାକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟ କାର୍ଯ୍ୟକାରିଣୀ ଦାବୀ କରୁଛି ।

ଓଡ଼ିଶା ସରକାର ଏକ ବିସ୍ଥାପନ ନୀତି ପ୍ରଣୟନ କରିଛନ୍ତି । ସର୍ବନିମ୍ନ ବିସ୍ଥାପିତ ହୋଇ ଶିଳ୍ପ ହୋଇପାରିଲେ ଓଡ଼ିଶାର ଜନସାଧାରଣଙ୍କର କଲ୍ୟାଣ ହୋଇପାରିବ । ହେଲେ ଜନସାଧାରଣଙ୍କୁ ଯେଉଁ ଉଦ୍ଦେଶ୍ୟରେ ଓ ଯେଉଁଭଳି ଭାବରେ ଥଇଥାନ କରିବାକୁ କାର୍ଯ୍ୟକ୍ରମ ଚଳାଇଛନ୍ତି ତାହା ଅଧିକରୁ ଅଧିକ ସମସ୍ୟା ସୃଷ୍ଟି କରିଚାଲିଛି । ଗରିବ ଗ୍ରାମବାସୀଙ୍କ ଜୀବନ ଜୀବିକା

ଉଜାଡ଼ି କମ୍ପାନୀ ଓ ପୁଞ୍ଜିପତିଙ୍କ ସ୍ୱାର୍ଥରେ ରାଜ୍ୟର ଦୁର୍ମୂଲ୍ୟ ଜମିକୁ ହସ୍ତାନ୍ତର କରି, ପରିବେଶକୁ ଧୂଳିସାତ କରି , ଏକ କଳୁଷିତ ମାନସିକତାର ପରିଚୟ ଦେଇଛନ୍ତି ।

ବେଦାନ୍ତ, କଳିଙ୍ଗ ନଗର, ଲାଞ୍ଜିଗଡ଼ ଓ ପୋସ୍କୋ ଆଦି ଏହାର ଜ୍ୱଳନ୍ତ ଉଦାହରଣ । ଶିଳ୍ପ ପ୍ରତିଷ୍ଠା ଓ ଶିକ୍ଷା ପ୍ରସାରଣ ନାମରେ ପୁଞ୍ଜିପତି ମାନଙ୍କର ସ୍ୱାର୍ଥ ରକ୍ଷାର ଏଥିରେ ଅଧିକ ଝଲକ ନିହିତ । ଗରିବ ଜନସାଧାରଣଙ୍କର ଥଇଥାନରେ ଉପଯୁକ୍ତ ବୁଝାମଣା କରିବାକୁ ଯଦି ସରକାର ସମର୍ଥ ହୋଇପାରୁନାହାଁନ୍ତି ତେବେ ଉପରୋକ୍ତ ସ୍ଥାନ ମାନଙ୍କରୁ ବିସ୍ଥାପନ ବନ୍ଦ କରି ପୁଞ୍ଜିପତି ପରିପୋଷଣରୁ ସରକାର କ୍ଷାନ୍ତ ରହିବାକୁ କାର୍ଯ୍ୟକାରିଣୀ ଦାବୀ କରୁଛି ।

ଭାରତରେ ମାଓବାଦୀ ହିଂସାର କାୟା କ୍ରମଃ-ବିସ୍ତାରିତ ହୋଇଚାଲିଛି । କେନ୍ଦ୍ର ସରକାର ଏହା ଏକ ଆନ୍ତଃ ଆକ୍ରମଣାତ୍ମକ ଯୁଦ୍ଧ ବୋଲି ଜାଣିପାରିଥିଲେ ସୁଦ୍ଧା ଯଥାସମୟରେ ପ୍ରତିକାର ଚିନ୍ତା ନକରି ସମୟ ଗଡ଼ାଇ ଚାଲିଥିବାରୁ ଏହା ଭୟଙ୍କରରୁ ଅତି ଭୟଙ୍କର ରୂପ ଧାରଣ କରିଚାଲିଛି । ଏହାର ଶିକାର ହୋଇଛି ଓଡ଼ିଶା । ରାଜ୍ୟ ସରକାରଙ୍କର ଚରମ ଅବହେଳା କାରଣରୁ ଏହା ୧୯ ଟି ଜିଲ୍ଲାକୁ ବ୍ୟାପି ସାରିଲାଣି । ଧନଜୀବନ ହାନୀ, ପୋଲିସ୍ ବାହିନୀର ବଳିଦାନ ସହିତ ହିଂସାଘଟଣା ନିତ୍ୟ ନୂତନ ରୂପ ନେଇ ଆତଙ୍କର ସ୍ଥିତିକୁ ପହଞ୍ଚିଯାଇଛି । ସରକାରଙ୍କ ଏହି ଅପରିଣାମଦର୍ଶୀ କାର୍ଯ୍ୟକୁ ରାଜ୍ୟ କାର୍ଯ୍ୟକାରିଣୀ ଘୋର ନିନ୍ଦା କରିବା ସହିତ ନିର୍ଣ୍ଣୟାତ୍ମକ ସଂଗ୍ରାମର ବ୍ୟବସ୍ଥାରେ ଦୃଢ଼ତା ପ୍ରଦର୍ଶନ କରିବାକୁ ରାଜ୍ୟ କାର୍ଯ୍ୟକାରିଣୀ ପରାମର୍ଶ ଦେଉଛି ।

ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତିର ଡ଼ିଣ୍ଡିମି ପିଟୁଥିବା ନବୀନ ସରକାର ଆଜି ୩ ଲକ୍ଷ କୋଟି ଟଙ୍କାର ଖଣି ଦୁର୍ନୀତିରେ ଜଡ଼ିତ । ତେଣୁ ସି.ବି.ଆଇ ତଦନ୍ତ ଭୟରେ ରତ୍ନଗର୍ଭା ରାଜ୍ୟକୁ ତଳିତଳାନ୍ତ କରି ଖଣିଲୁଟ୍‌କୁ ପ୍ରୋତ୍ସାହିତ କରାଇ, ରାଜନୈତିକ ନେତାମାନଙ୍କୁ ତଥା ବୋଲକରା ପ୍ରଶାସନିକ ଅଧିକାରୀମାନଙ୍କୁ ସୁରକ୍ଷା ଦେବା ପାଇଁ ଭିଜିଲାନ୍ସ ତଦନ୍ତର ଆଶ୍ରୟ ନେଇଛନ୍ତି । ସରକାରୀ ପୃଷ୍ଠପୋଷକତା ଲାଭ କରୁଥିବା ଅସଲ ଖଣିମାଫିଆମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କେବେ ଗ୍ରହଣ କରାଯିବ ତାହା ସନ୍ଦେହ ଭିତରେ ରହିଛି । ସେଥିପାଇଁ ସି.ବି.ଆଇ ତଦନ୍ତ ଏକମାତ୍ର ପନ୍ଥା ବୋଲି ବିଜେପି କାର୍ଯ୍ୟକାରିଣୀ ବିବେଚନା କରୁଛି ।

ଚାଷୀ ଆତ୍ମହତ୍ୟା ଓଡ଼ିଶା ମାଟିରେ ଦୈନନ୍ଦିନ ଘଟଣାରେ ପରିଣତ ହେଲାଣି । ସରକାରଙ୍କର ଶସ୍ୟ ସଂଗ୍ରହ ନୀତିର କାର୍ଯ୍ୟକାରିତାରେ ଦୁର୍ନୀତି ଓ ଅପାରଗତା ସୁସ୍ପଷ୍ଟ । ଓଡ଼ିଶା କୃଷି ପ୍ରଧାନ ରାଜ୍ୟ ହୋଇ ଥିଲେ ହେଁ ଚାଷୀ ଭାଇମାନଙ୍କୁ ତାଙ୍କରଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ମିଳି ପାରୁନାହିଁ । ଧାନର ଅଭାବୀ ବିକ୍ରି ଏବଂ ଧାନର ନ୍ୟୁନତମ କ୍ରୟ ମୂଲ୍ୟ ଚାଷୀ ପାଇପାରୁ ନଥିବାରୁ ହତାଶ ହୋଇ ଏବଂ ଋଣ ପରିଶୋଧ କରିନପାରି ଆତ୍ମହତ୍ୟାର ପଥ ବାଛି ନେଇଛି । ଏ ସରକାର ଚାଷୀକୂଳକୁ ସୁରକ୍ଷା ଦେବାରେ ବ୍ୟର୍ଥ ହୋଇଛି ବୋଲି ରାଜ୍ୟ କାର୍ଯ୍ୟକାରିଣୀ ଗଭୀର ଉଦ୍‌ବେଗ ପ୍ରକାଶ କରୁଛି ।

ବିଜୁଳି ଉତ୍ପାଦନରେ ଓଡ଼ିଶା ଏକ ବଳକା ରାଜ୍ୟ ହୋଇଥିଲେ ହେଁ ଆଜି ଓଡ଼ିଶାର ଜନସାଧାରଣ ଘୋଷିତ ଓ ଅଘୋଷିତ ବିଦ୍ୟୁତ କାଟ୍ ର ସମ୍ମୁଖୀନ ହେଉଛନ୍ତି । ସରକାର ପୁନର୍ବାର ବିଦ୍ୟୁତ ଶୁଳ୍କ ବୃଦ୍ଧି କରି ଓଡ଼ିଶାର ଜନସାଧାରଣଙ୍କୁ ଉପହାସ କରୁଛନ୍ତି । ଏହି ଜନସ୍ୱାର୍ଥ ବିରୋଧୀ ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ରାଜ୍ୟ କାର୍ଯ୍ୟକାରିଣୀ ଦାବି କରୁଛି ।

ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ଆଉ ଥମୁ ନାହିଁ । ସରକାରଙ୍କର ଏଥିପ୍ରତି ସାମାନ୍ୟତମ ନିଘା ନାହିଁ । ଜନସାଧାରଣ ଅତିଷ୍ଠ ଓ ନିରାଶ ହୋଇସାରିଲେଣି । କେନ୍ଦ୍ର ବା ରାଜ୍ୟ ସରକାର ଏହା ରୋକିବାରେ କୌଣସି ଉଦ୍ୟମ କରୁଥିବାର ପରିଲକ୍ଷିତ ହେଉନାହିଁ । ସରକାର ଉଦାସୀନତା ଭଙ୍ଗକରି ଶୀଘ୍ର କଠୋର ପଦକ୍ଷେପ ଗ୍ରହଣ କରିବାକୁ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ଦାବି କରୁଛି ।

ବର୍ତ୍ତମାନ ଜନଗଣନା ଆରମ୍ଭ ହୋଇଥିବାରୁ ଓଡ଼ିଶାରେ ଥିବା ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କୁ ପ୍ରଥମେ ଚିହ୍ନଟ କରିବାକୁ କାର୍ଯ୍ୟକାରିଣୀ ଦାବି କରୁଛି । ଦେଶରେ ନାଗରିକ ସତନ୍ତ୍ର ପରିଚୟ ପତ୍ର ପ୍ରଦାନ କରିବା ପୂର୍ବରୁ ଅନୁପ୍ରବେଶକାରୀ ମାନଙ୍କୁ ଠିକଣା ଢ଼ଙ୍ଗରେ ଚିହ୍ନଟ କରିବାକୁ କାର୍ଯ୍ୟକାରିଣୀ ଦାବି କରୁଛି ।

ଓଡ଼ିଶାରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ବିପର୍ଯ୍ୟସ୍ତ । ପୋଲିସ ଆଜି ସରକାରଙ୍କର ହାତବାରିସି ସାଜିଛି । ହତ୍ୟା, ରାହାଜନୀ, ଧର୍ଷଣ, ଏପରିକି କୋମଳମତି ଛାତ୍ରୀମାନଙ୍କୁ ଯୌନ ନିର୍ଯ୍ୟାତନା, ହାଜତ ମୃତ୍ୟୁ, ବ୍ୟାଙ୍କ ଡ଼କାୟତି ତଥା ଗୋ ଚାଲାଣ ଆଦି ଦୈନନ୍ଦିନ ଘଟଣାରେ ପରିଣତ ହୋଇଛି । ସରକାରୀ ଦଳର ମାଫିଆ ଓ ଗୁଣ୍ଡାମାନଙ୍କ ଜରିଆରେ ଚାଷୀ ଆତ୍ମହତ୍ୟା କଥା ହେଉ ବା କଳିଙ୍ଗ ନଗର ବିସ୍ଥାପନ ସମସ୍ୟାର ଅନୁଧ୍ୟାନ ସମୟରେ ବାହୁବଳ ପ୍ରୟୋଗ ପୂର୍ବକ ଗତିରୋଧର କଥା ହେଉ ସବୁ କ୍ଷେତ୍ରରେ ପୋଲିସ ପ୍ରଶାସନର ଗୋଚରରେ ଆତଙ୍କରାଜ ଚଳାଇଛନ୍ତି । ରାଜନୈତିକ କାର୍ଯ୍ୟକର୍ତ୍ତା ହୁଅନ୍ତୁ ବା ସାମାଜିକ କାର୍ଯ୍ୟକର୍ତ୍ତା ଅଥବା ସାମ୍ବାଦିକ ହୁଅନ୍ତୁ ସେମାନଙ୍କ ଆତଙ୍କରୁ କେହି ବର୍ତ୍ତିପାରି ନାହାଁନ୍ତି । ସରକାର ବିଦେଶୀ ପ୍ରତିନିଧିମାନଙ୍କୁ କନ୍ଧମାଳ ସମସ୍ୟାକୁ ଅନୁଧ୍ୟାନ ପାଇଁ ଅନୁମତି ଦେଉଥିବା ସ୍ଥଳେ ନିଜ ଦେଶର ସମ୍ମାନସ୍ପଦ ନେତୃତ୍ୱକୁ ଅନୁମତି ନଦେବା ଘୋର ପରିତାପର ବିଷୟ ଅଟେ । ଗଣତନ୍ତ୍ରର କଣ୍ଠରୋଧ କରିବାର ଏହି ହୀନ ଉଦ୍ୟମକୁ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ଘୋର ନିନ୍ଦା କରୁଛି ।

* * * * *

## କଳିଙ୍ଗ ନଗର ଉପରେ ନିନ୍ଦା ପ୍ରସ୍ତାବ

ଔଦ୍ୟୋଗିକରଣ ନାମରେ କଳିଙ୍ଗ ନଗରରେ ସାଧାରଣ ଜନ ଜୀବନକୁ ବିପନ୍ନ କରି ରାଜ୍ୟ ସରକାର ଯେଉଁ ନୀତି ଅବଲମ୍ବନ କରିଛନ୍ତି ତାହା ଖୋଲାଖୋଲି ଭାବେ ଅଗଣତାନ୍ତ୍ରିକ, ଜନସ୍ୱାର୍ଥ ବିରୋଧି ତଥା କତିପୟ ଶିଳ୍ପପତିମାନଙ୍କର ନ୍ୟସ୍ତସ୍ୱାର୍ଥ ରକ୍ଷାପାଇଁ ପ୍ରଶାସନିକ ଅପବ୍ୟବହାରର ନିଚ୍ଛକ ନମୁନା ବୋଲି ଭାରତୀୟ ଜନତା ପାର୍ଟି ପ୍ରଦେଶ କାର୍ଯ୍ୟକାରିଣୀ ଉପଲବ୍ଧି କରୁଛି ।

ପ୍ରସ୍ତାବିତ 'କମନ୍ କରିଡୋର' ନିର୍ମାଣ ବିରୁଦ୍ଧରେ ଗଣ ଆନ୍ଦୋଳନକୁ ରୋକିବା ପାଇଁ ରାଜ୍ୟ ସରକାର ଯେଉଁ ମନମୁଖୀ ପଦକ୍ଷେପ ନେଲେ ଏବଂ ଗଣହତ୍ୟା ମାଧ୍ୟମରେ ଜନତାଙ୍କ ମୁହଁ ବନ୍ଦ କରିବାର ହୀନ ଅପଚେଷ୍ଟାକୁ ଘଟଣାସ୍ଥଳରେ ପହଞ୍ଚି ତା'ର ଅନୁଧ୍ୟାନ କରିବାର ମୌଳିକ ଗଣତାନ୍ତ୍ରିକ ଅଧିକାରକୁ ପଦାଘାତ କଲେ, କାର୍ଯ୍ୟକାରିଣୀ ତାହାର ତୀବ୍ର ନିନ୍ଦାବାଦ କରୁଛି

ବିଶେଷ କରି ଅପ୍ରିଲ୍ ୫ ତାରିଖର ଘଟଣା ଦ୍ୱାରା ସରକାର ଯେ କେବଳ ଆତ୍ମସ୍ୱାର୍ଥ ସିଦ୍ଧି ପାଇଁ ସରକାରୀ କଳର ଅପବ୍ୟବହାର କରିଛନ୍ତି, ତାହା ନୁହେଁ ; ଦଳୀୟ ଗୁଣ୍ଡାକୁ ପ୍ରୋତ୍ସାହନ ଦେଇ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅରାଜକତା ମୁଖକୁ ଠେଲି ଦେଉଛନ୍ତି । ଏପରିକି ରାଜ୍ୟର ସାମ୍ବାଦିକମାନେ ମଧ୍ୟ ଏହି ହୀନ କୁଚକ୍ରାନ୍ତରୁ ବର୍ତ୍ତି ପାରିନାହାନ୍ତି ତାହା ସ୍ପଷ୍ଟ ହୋଇଯାଇଛି ।

ଅପ୍ରିଲ ୫ ତାରିଖ ଘଟଣାକୁ କେନ୍ଦ୍ରକରି ୭ ଅପ୍ରିଲରେ ରୁଜୁ ହୋଇଥିବା ଜି.ଆର୍.କେଶ୍ ନଂ.୨୬୫/୨୦୧୦ ମନ୍ଦ ରାଜନୈତିକ ଅଭିସନ୍ଧି ନିହିତ ପାଲଟା ମାମଲା ରୁଜୁକରି ନ୍ୟାୟିକ ବ୍ୟବସ୍ଥାର ଅପପ୍ରୟୋଗ କରାଯାଇଛି । ଗଣତନ୍ତ୍ରର କଣ୍ଠରୁଦ୍ଧ କରିବାପାଇଁ ଶାସନ କଳର ଅପବ୍ୟବହାର, ଶାସକ ଦଳର ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତିଙ୍କୁ ପ୍ରୋତ୍ସାହନ ଏବଂ ପୋଲିସ୍ କଳର ଖୋଲାଖୋଲି ପକ୍ଷପାତିତା ପାଇଁ ଆଜି କାର୍ଯ୍ୟକାରିଣୀ ମୁଖ୍ୟମନ୍ତ୍ରୀଙ୍କୁ ମୁଖ୍ୟତଃ ଦାୟୀ କରୁଛି ।

କଳିଙ୍ଗନଗର ଘଟଣାବଳୀ ଏବଂ ପରିସ୍ଥିତିର ନିରପେକ୍ଷ ପର୍ଯ୍ୟାଲୋଚନା ପାଇଁ ସବୁ ରାଜନୈତିକ ଦଳ ତଥା ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଘଟଣାସ୍ଥଳକୁ ଯାଇ ବୁଝିବା ପାଇଁ ସମସ୍ତ ପ୍ରକାର ସୁରକ୍ଷା ଯୋଗାଇ ଦିଆଯାଉ ଏବଂ 'କମନ୍ କରିଡୋର' ରାସ୍ତା ନିର୍ମାଣ ଉପରେ ପୁନର୍ବିଚାର କରାଯାଉ ବୋଲି ରାଜ୍ୟ କାର୍ଯ୍ୟକାରିଣୀ ଦାବୀ କରୁଛି ।

* * * * *